# ବୈଜ୍ଞାନିକ ପଦ୍ଧତିରେ
# ଲିଚୁ ଚାଷ




ଉପସ୍ଥାପନା: ଡ. କ୍ଷୀରୋଦ କୁମାର ବିଶ୍ୱାଳ, ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)
ଜିଜ୍ଞାସା ମେହେର, ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)
ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ସଂପାଦନା: ଡ. ମାନସୀ ଭୋଳ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ବୈଜ୍ଞାନିକ ପଦ୍ଧତିରେ
# ଲିଚୁ ଚାଷ


ଉପସ୍ଥାପନା:

ଡ. କ୍ଷୀରୋଦ କୁମାର ବିଶ୍ୱାଳ, ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ଜିଜ୍ଞାସା ମେହେର, ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)

ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ସଂପାଦନା

ଡ. ମାନସୀ ଭୋଇ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ପୁରୁଣାଗଡ଼, ଦେବଗଡ଼

KRISHI VIGYAN KENDRA, DEOGARH

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ODISHA UNIVERSITY OF AGRICULTURE & TECHNOLOGY

# ବୈଜ୍ଞାନିକ ପଦ୍ଧତିରେ ଲିଚୁ ଚାଷ

ଉପସ୍ଥାପନା
ଡ. କ୍ଷୀରୋଦ କୁମାର ବିଶ୍ୱାଳ, ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)
ଜିଜ୍ଞାସା ମେହେର, ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)
ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)
ସଂପାଦନା
ଡ. ମାନସୀ ଭୋଲ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

*ପ୍ରକାଶକ :*
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼

*ପ୍ରଥମ ପ୍ରକାଶ:* ନଭେମ୍ବର,୨୦୨୪

*ମୁଦ୍ରଣ :*
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By:**
**Dr. Kshirod Kumar Biswal**
Scientist, Plant Protection
**Miss. Gignyasa Meher**, SMS (Horticulture)
**Mr. Chinmaya Mishra**, Prog. Asst. (Soil Sc.)

**Edited by** :
**Dr. Manasi Bhol**
Sr. Scientist & Head, Krishi Vigyan Kendra, Deogarh

**Published by** :
Krishi Vigyan Kendra, Deogarh

**First Edition:** November, 2024

**Printed by :**
Ankita Graphics, Bhubaneswar, Ph : 9437077337



# ଲିଚୁ ଚାଷ

ଚୀନ ଦେଶର ମଧ୍ୟ ଓ ପଶ୍ଚିମ ପାର୍ଶ୍ୱରେ ଥିବା ପର୍ବତମାଳା ଏବଂ ଏହା ନିକଟରେ ଥିବା ତଳିଆ ଅଞ୍ଚଳ ଲିଚୁର ଉତ୍ପତ୍ତିସ୍ଥଳ। ଲିଚୁ ଫଳଟି ଗାଢ଼ କମଳା ଗୋଲାପି ରଙ୍ଗ, ସୁଗନ୍ଧଯୁକ୍ତ, ଖଟା-ମିଠାଭରା ସ୍ୱାଦ ଓ ବିଭିନ୍ନ ଖାଦ୍ୟସାର ପରିପୁଷ୍ଟତା ଯୋଗୁଁ ଫଳମାନଙ୍କର ରାଣୀ ବୋଲି କୁହାଯାଏ। ଚୀନ୍‌ରେ ହଜାର ବର୍ଷ ପୂର୍ବରୁ ଲିଚୁ ଚାଷ କରାଯାଉଥିଲେ ମଧ୍ୟ ଭାରତରେ ଦୁଇଶହ ବର୍ଷ ଧରି ଏହା ଚାଷ କରାଯାଇ ଆସୁଛି। ଆଜି ଲିଚୁ ଉତ୍ପାଦନ କ୍ଷେତ୍ରରେ ଚୀନ୍ ପରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ, ଭାରତ ମଧ୍ୟରେ ଓଡ଼ିଶା ସପ୍ତମ ସ୍ଥାନରେ ଅଛି। ଓଡ଼ିଶାରେ ଅନୁଗୋଳ ଜିଲ୍ଲାର ବଇଣ୍ଡା, କିଶୋରନଗର ଓ ପାଲ୍‌ଲହଡ଼ା ଅଞ୍ଚଳ, ସମଗ୍ର ଦେବଗଡ଼ ଜିଲ୍ଲା, ସମ୍ବଲପୁର, କୋରାପୁଟ ଏବଂ ସୁନ୍ଦରଗଡ଼ ଜିଲ୍ଲାର କେତେକ ଅଞ୍ଚଳରେ ଲିଚୁ ଚାଷ କରାଯାଇଥାଏ।

## ଆର୍ଥିକ ଆବଶ୍ୟକତା:

୧) ଲିଚୁ ଫଳରୁ ପ୍ରଚୁର ପରିମାଣରେ ଖଣିଜ ଦ୍ରବ୍ୟ, ଭିଟାମିନ୍-କ ଓ ଖ, ରାଇବୋଫ୍ଲାଭିନ୍ ମିଳିଥାଏ।

୨) ଏହାର ସ୍କ୍ୱାସ୍ ଖରାଦିନରେ ଅତି ଉପାଦେୟ ପାନୀୟ, ଏହାକୁ ଶୁଖାଇ ଏଥିରେ ଲିଚୁନଟ୍ ତିଆରି ହୁଏ।

୩) ଲିଚୁରେ ଚିନି ପରିମାଣ ଶତକଡ଼ା ୬.୭୪ରୁ ୧୩.୮୬ ଭାଗ, ଏସିଡ୍ ଶତକଡ଼ା୦.୧୧ରୁ ୦୭୪ ଭାଗ, ପାଉଁଶ ୦.୫୪ ଭାଗ, ପ୍ରୋଟିନ୍ ୧.୧୫ ଭାଗ ଓ ପ୍ରଚୁର ପରିମାଣରେ ଫସ୍‌ଫରସ୍ ଓ ଆସ୍‌କରବିକ୍ ଏସିଡ୍ ରହିଛି।

## ଜଳବାୟୁ:

ଲିଚୁ ମୁଖ୍ୟତଃ ଏକ ଉପ ଗ୍ରୀଷ୍ମମଣ୍ଡଳୀୟ ଫଳ। ଏହା ଆର୍ଦ୍ର ଜଳବାୟୁ ସହିତ ଅଧିକ ବୃଷ୍ଟିପାତ ଏବଂ କୁହୁଡ଼ି ବିହୀନ ଅଞ୍ଚଳରେ ଭଲଭାବରେ ହୋଇଥାଏ। ୩୦° ସେଲ୍‌ସିୟସ୍ ଉତ୍ତାପରେ ଭଲ ବଢ଼ିଥାଏ ମାତ୍ର ଗଛରେ ଫୁଲ ଧରିବା ସମୟରେ ୨୧° ସେଲ୍‌ସିୟସ୍,

ଗଠନ ବୃଦ୍ଧି ସମୟରେ ୩୮° ସେଲ୍‌ସିୟସ ଉତ୍ତାପ ଆବଶ୍ୟକ କରିଥାଏ। ଫୁଲ ଧରିବା ସମୟରେ ଅନ୍ତତଃପକ୍ଷେ ଦୁଇମାସ ବର୍ଷା ହେଉନଥିବା ଅଞ୍ଚଳରେ ଲିଚୁ ଚାଷ ଭଲ ହୁଏ। ଲିଚୁ ଚାଷର ଶୀତଦିନେ କୁହୁଡ଼ି, ଖରାଦିନେ ଗରମ ପବନ ଓ ଶୀତ ଦିନେ ଅତ୍ୟଧିକ ଥଣ୍ଡା ପବନ କ୍ଷତି କରିଥାଏ। ତେଣୁ ଲିଚୁ ବଗିଚାର ଚାରିପଟ ବାଡ଼ରେ ପବନ ପ୍ରତିରୋଧକ ବୃକ୍ଷକୁ ପବନ ଆସୁଥିବା ଦିଗରୁ ୬୦° କୋଣ କରି ଲଗାଇବା ଉଚିତ୍। ଜାମୁ, ଇଉକାଲ୍‌ପଟାସ୍, ଅର୍ଜୁନ ଇତ୍ୟାଦି ବୃକ୍ଷକୁ ପବନ ପ୍ରତିରୋଧକ ବୃକ୍ଷ ଭାବରେ ଲଗାଯାଇପାରେ।

## ମୃତ୍ତିକା:

ଲିଚୁ ବିଭିନ୍ନ ପ୍ରକାରର ମୃତ୍ତିକାରେ ଚାଷ କରାଯାଇ ପାରେ, କିନ୍ତୁ ଗଭୀର ବାଲିଆ, ଦୋରସା ଏବଂ ନିଗିଡ଼ା ମାଟିରେ ଏହା ଭଲ ହୋଇଥାଏ। ଜମି ବାଛିବା ସମୟରେ ଯେପରି ୨.୫ ମିଟର ଗଭୀରରେ ପ୍ରସ୍ତର ସ୍ତର କିମ୍ବା ମାଟି ପଥୁରିଆ ହୋଇନଥାଏ ସେଥିପ୍ରତି ଧ୍ୟାନ ଦେବା ଉଚିତ୍। ମୃତ୍ତିକାର ଅମ୍ଳତା ୫.୫ରୁ ୭.୦ ଏବଂ ଅଧିକ ଚୁନ ଥିବା ମାଟିରେ ଏହାର ଅମଳ ଅଧିକ ହୋଇଥାଏ।

## କିସମ:

କିସମ ବାଛିଲାବେଳେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ୍। ଲିଚୁ ଫଳଗୁଡ଼ିକ ଉଜ୍ଜ୍ୱଳ ଓ ଲାଲ୍ ରଙ୍ଗର ହେବାସହ ଫଳର ବ୍ୟାସ ୫ ସେମିରୁ କମ୍ ହୋଇ ନଥିବ। ଫଳଗୁଡ଼ିକ ଫାଟି ନଥିବା ଉଚିତ୍। ଛୋଟ ମଞ୍ଜି ଥିବା ଏବଂ ସୁମଧୁର ଲିଚୁ ଫଳଗୁଡ଼ିକର ବଜାର ଚାହିଦା ଅଧିକ ରହିଥାଏ। ଫଳ ପାଚିବା ସମୟରେ ଫଳଗୁଡ଼ିକୁ ମୁଖ୍ୟତଃ ୩ ଭାଗରେ ବିଭକ୍ତ କରାଯାଇଥାଏ।



**ସଅଳ କିସମ:** ଗ୍ରୀନ୍, ସାହି, ମୁଜାଫରପୁର, କାଲକତିଆ

**ମଧ୍ୟମ କିସମ:** ବମ୍ବେ, ରୋଜ୍ ସେଣ୍ଟେଡ୍, ସାହାରାନ୍‌ପୁର, ଆର୍ଲି ବେଦନା

**ବିଳମ୍ବ କିସମ:** ସ୍ୱର୍ଣ୍ଣ, ରୂପା, ପୂର୍ବି, ଲେଟ୍ ବେଦନା

## ବଂଶ ବିସ୍ତାର:



ଲିଚୁରେ ମଞ୍ଜି ଏବଂ ଡାଳ କଲମି ଦ୍ୱାରା ବଂଶ ବିସ୍ତାର ହୋଇଥାଏ। କିନ୍ତୁ ମଞ୍ଜି ଦ୍ୱାରା ବଂଶ ବିସ୍ତାର ସାଧାରଣତଃ କରାଯାଏ ନାହିଁ, କାରଣ ନିମ୍ନ ଧରଣର ଫଳ ହୁଏ ଏବଂ ଫଳ ଧରିବାକୁ ୮-୧୦ ବର୍ଷ ସମୟ ଲାଗେ। ବ୍ୟବସାୟିକ ଭିତ୍ତିରେ ଲିଚୁ ଚାଷ ପାଇଁ ଗୁଟି କଲମି ଗଛ ବ୍ୟବହାର କରାଯାଏ। ତେଣୁ ଗୁଟି କଲମି ଦ୍ୱାରା ଲିଚୁରୁ ବଂଶ ବିସ୍ତାର ସହଜ ଏବଂ ଲାଭପ୍ରଦ।



## ଜମି ପ୍ରସ୍ତୁତି ଏବଂ ଚାରା ରୋପଣ:

ଜମି ଭଲଭାବରେ ୨ରୁ ୩ ଓଡ଼ ଚାଷ କରିବା ଉଚିତ୍। ସାଧାରଣତଃ ଲିଚୁଗଛ ବର୍ଗାକାର, ଚତୁର୍ଭୂଜ ଓ ଷଡ଼ଭୂଜାକାର ପ୍ରଣାଳୀରେ ଲଗାଯାଏ। ମାତ୍ର ଚତୁର୍ଭୂଜ ପ୍ରଣାଳୀରେ ଚାଷକଲେ ଅନ୍ତଃଚାଷ କରିବାକୁ ଅସୁବିଧା ହୁଏ। ଷଡ଼ଭୂଜାକାର ପ୍ରଣାଳୀରେ ୧୫ଭାଗ ଅଧିକ ଗଛ ଲାଗିଥାଏ। ଏହା ୧୦-୧୦ ମିଟର ଦୂରତାରେ ଲଗାଯାଇଥାଏ। ସାଧାରଣତଃ ଲିଚୁଗଛ ବର୍ଗାକାର ପ୍ରଣାଳୀରେ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୭-୧୨ ମିଟର ବ୍ୟବଧାନରେ ଲଗାଯାଏ। ଏହିପରି ଭାବେ ହେକ୍ଟର ପିଛା ୧୨୫-୨୦୦ଟି ଗଛ ଲଗାଯାଏ। ଗଛ ଲଗାଇବା ପୂର୍ବରୁ ୧-୧-୧ ମିଟର ଗାତ ଖୋଳିବା ଦରକାର। କିଛିଦିନ ପାଇଁ ଏହାକୁ ଖୋଲା ଛାଡ଼ିଦେବା ଉଚିତ। ଏହାପରେ ଗାତରେ ପଟୁମାଟି, ୨୫-୩୦ କିଗ୍ରା ଖତ, ୨ କିଗ୍ରା ହାଡ଼ଗୁଣ୍ଡ ଏବଂ ୩୦୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ମିଶାଇ ପୂରଣ କରିବା ଆବଶ୍ୟକ। ଜମିରେ ଉଇ

ପ୍ରାଦୁର୍ଭାବ ଦେଖି ଗାତ ପ୍ରତି ୩-୪ଗ୍ରାମ୍ କ୍ଲୋରୋପାଇରିଫସ୍ ଗୁଣ୍ଡ (୫%) ଦିଆଯାଏ। ସାଧାରଣତଃ ଲିଚୁ ଗଛ ଜୁନ୍-ଜୁଲାଇ ମାସରେ ରୋପଣ କରାଯାଏ। କିନ୍ତୁ ଜଳସେଚନର ସୁବିଧା ଥିଲେ ସେପ୍ଟେମ୍ବର-ଅକ୍ଟୋବର ମାସ ପର୍ଯ୍ୟନ୍ତ ଚାରା ରୋପଣ କରାଯାଇପାରେ। ଚାରା ରୋପଣ ବେଳେ ଧ୍ୟାନ ଦେବାକୁ ହୁଏ ଯେପରି ମାଟି ପିଣ୍ଡୁଳା ଭାଙ୍ଗି ନଯାଏ, ତେଣୁ ଏଥିପାଇଁ ଚାରାଗଛର ଜରି ଭଲଭାବରେ କାଟି ମାଟି ପିଣ୍ଡୁଳାକୁ ଭୂମିପତ୍ତନ ସହିତ ସମାନ ରଖି ଚାରାଗଛ ଲଗାଇ ଜଳସେଚନ କରିବା ଉଚିତ୍।

## ଖତ ଓ ସାର ପ୍ରୟୋଗ:

ପରୀକ୍ଷଣରୁ ଜଣାଯାଏ ଲିଚୁ ଗଛର ବୃଦ୍ଧି ଏବଂ ଉପଯୁକ୍ତ ଫଳଧାରଣ ପାଇଁ ସାର ଏବଂ ଅଣୁସାର ସଠିକ୍ ମାତ୍ରାରେ ଦରକାର ହୋଇଥାଏ। ଏଥିମଧ୍ୟରୁ ମ୍ୟାଗ୍ନେସିୟମ ଅଭାବରେ ଫୁଲ କମ୍ ଧରେ କିମ୍ବା ମୋଟେ ଧରେ ନାହିଁ। ପତ୍ର ଛୋଟ ହୋଇ ଦାଗ ହୋଇଯାଏ। ଜିଙ୍କ୍ ଅଭାବରୁ ନୂତନ ପତ୍ର ଈଷତ୍ ଲାଲ୍ ହୁଏ, ଫଳ ଛୋଟ ହୁଏ ଏବଂ ଫାଟିଯାଏ। ସେହିଭଳି ବୋରନ୍ ଅଭାବରେ ମଧ୍ୟ ଫଳ ଛୋଟ ହେବା ସହ ଫାଟିଥାଏ। ଗୋବର ଖତ, ସୁପର ଫସ୍ଫେଟ୍ ଏବଂ ମ୍ୟୁରେଟ୍ ଅଫ୍ ପଟାସ୍‌କୁ ଡିସେମ୍ବର ମାସରେ ପ୍ରୟୋଗ କରାଯାଏ। ଆମୋନିୟମ୍ ନାଇଟ୍ରେଟ୍ ସାରକୁ (ସି.ଏ.ଏନ୍) ଦୁଇଭାଗ କରି ଏକ ଭାଗ ଫେବୃଆରୀର ମଧ୍ୟ ଭାଗରେ ଓ ଅନ୍ୟ ଭାଗକୁ ଏପ୍ରିଲ୍ ମାସର ଅଧାରେ ପ୍ରୟୋଗ କରାଯାଏ। ଗଛ ଛୋଟ ହୋଇଥିଲେ ଗୋବର ଖତ ଏବଂ ସାର ମନ୍ଦାରେ ଗଛ ଠାରୁ ୩୦-୫୦ ସେମି ଦୂରରେ ପ୍ରୟୋଗ କରାଯାଏ। ସାର ପ୍ରୟୋଗ କରି ମାଟିକୁ ଅଳ୍ପ ଖୁସାଇ ଦିଆଯାଏ। ଗଛ ବଡ଼ ହୋଇଗଲେ, ଗୋବର ଖତ ଏବଂ ସାରକୁ ବିଞ୍ଚି ଖୁସାଇବା ପରେ ଜମିରେ ଅଳ୍ପ ପାଣି ମଡ଼ାଇ ଦିଆଯାଏ। ଫଳନ୍ତି ଗଛର ଅଧିକାଂଶ ଖାଦ୍ୟଚେର ଏକ ଫୁଟ୍ ଗଭୀର ମଧ୍ୟରେ ଥିବାରୁ ଗଛଠାରୁ ୧.୫ରୁ ୨ ମିଟର ଦୂରତାରେ ଏବଂ ୧ଫୁଟ୍ ଗଭୀରର ଟ୍ରେଞ୍ଚ ଖୋଳି ଖତସାର ପ୍ରୟୋଗ କରିବା ଉଚିତ୍।

**ସାର ପ୍ରୟୋଗର ହିସାବ: (ଗଛପ୍ରତି କିଗ୍ରା ହିସାବରେ)**

| ଗଛର ବୟସ | ଗୋବର ଖତ | ସି.ଏ.ଏନ୍ ସାର | ସିଙ୍ଗଲ୍ ସୁପର ଫସ୍ଫେଟ୍ | ମ୍ୟୁରେଟ୍ ଅଫ୍ ପଟାସ୍ |
|---|---|---|---|---|
| ୧-୩ ବର୍ଷ | ୧୦-୨୦ | ୦.୩-୧.୦ | ୦.୨-୦.୬ | ୦.୦୫-୦.୧୫ |
| ୪-୬ ବର୍ଷ | ୨୫-୪୦ | ୧.୦-୨.୦ | ୦.୭୫-୧.୨୫ | ୦.୨-୦.୩ |

| | | | | |
|---|---|---|---|---|
| ୭-୧୦ ବର୍ଷ | ୪୦-୫୦ | ୨.୦-୩.୦ | ୧.୫୦-୨.୦୦ | ୦.୩-୦.୫ |
| ୧୦ବର୍ଷରୁ ଊର୍ଦ୍ଧ୍ୱ | ୬୦ | ୩.୫ | ୨.୨୫ | ୦.୬ |

## ବଗିଚା ପରିଚାଳନା:

ବର୍ଷକୁ ଦୁଇ ଥର ଅଗଭୀର ଚାଷ କରି ଅନାବନା ଗଛ ନଷ୍ଟ କରିବାକୁ ପଡ଼ିଥାଏ। ଛୋଟ ଗଛ ଗୁଡ଼ିକୁ ସିଧା ଭାବରେ ବଢ଼ିବା ପାଇଁ ବାଡ଼ିଟିଏ ପୋତି ହାଲକା ଭାବରେ ବାନ୍ଧି ଦିଆଯାଏ। ବଗିଚାର ଚାରିପଟେ ବାଡ଼ ବନ୍ଦିକରି ଗଛକୁ ସୁରକ୍ଷା ଦେବା ସହିତ ଖରାଦିନେ ଛୋଟ ଗଛଗୁଡ଼ିକୁ ଗରମ ପବନରୁ ରକ୍ଷା କରିବା ପାଇଁ ଗୋରଡ଼ା କରିବାକୁ ପଡ଼ିଥାଏ। ପ୍ରଥମ ବର୍ଷ ଗୁଡ଼ିକରେ ପନିପରିବା, ଡାଲିଜାତୀୟ ଓ ମସଲାଜାତୀୟ ଫସଲ ଇତ୍ୟାଦି ଅନ୍ତଃଫସଲ ହିସାବରେ ଚାଷ କରାଯାଇପାରେ। ପୁରୁଣା ବଗିଚାରେ ଅଦା, ହଳଦୀ, ପାଳୁଅ ଇତ୍ୟାଦି



ଅନ୍ତଃ ଫସଲ ହୋଇପାରେ। ଲିଚୁ ବଗିଚାରେ ମହୁମାଛି ଚାଷ କଲେ ଲିଚୁର ଅମଳ ବଢ଼ିଥାଏ। ଗଛର ମୂଳଠାରୁ ୬୦ରୁ ୭୫ ସେମି ମଧ୍ୟରେ ନୂତନ ଶାଖା ବା ଡାଳ ବାହାରିଲେ ତାକୁ କାଟିଦେଇ ତା'ଉପରକୁ ୧୫-୨୦ସେମି ବ୍ୟବଧାନରେ ୩-୪ଟି ଶାଖା ବିଭିନ୍ନ ଦିଗରେ ରଖିବାକୁ ହୁଏ।

## କାଟଛାଣ୍ଟ:

ଲିଚୁଗଛ କାଟଛାଣ୍ଟ ଆବଶ୍ୟକ କରିନଥାଏ। କେବଳ ଫଳ ତୋଳିବା ସମୟରେ

ଯେଉଁ ଡାଳ ଡେମ୍ଫସହ କଟାଯାଏ ତାହା ହିଁ ଠିକ୍। ଲିଚୁ ସଦାବେଳେ ନୂଆ ଡାଳରେ ଫଳେ। ତେଣୁ ଯେଉଁ ଡାଳରେ ଫଳ ଆସୁଛି ସେହି ଡାଳରୁ ଛୋଟଛୋଟ ଡାଳ ଭାଙ୍ଗି ଦେବା ଉଚିତ୍। ନୂଆ ଡାଳ କଅଁଳି ସେଥିରେ ଫଳ ଆସିଥାଏ। ଗଛର ମୂଳଠାରୁ ୬୦-୭୦ ସେମି ପର୍ଯ୍ୟନ୍ତ ସିଧା ବଢ଼ିବାକୁ ଦେବା ଉଚିତ୍।

## ଜଳସେଚନ:

ଖରାଦିନେ ୩-୪ ଦିନ ଅନ୍ତରରେ ଓ ଶୀତଦିନେ ୭-୧୦ ଦିନ ଅନ୍ତରରେ ଛୋଟଛୋଟ





ଜଳସେଚନ ଆବଶ୍ୟକ ପଡ଼ିଥାଏ। ଫଳନ୍ତି ଗଛ ଦିନକୁ ୬୦-୭୦ ଲିଟର ପାଣି ଆବଶ୍ୟକ କରିଥାଏ। ବର୍ଷା ପରେ ଫଳନ୍ତି ଗଛରେ ଫୁଲ ଧରିବା ପର୍ଯ୍ୟନ୍ତ ଜଳସେଚନ ନ କରି ଫଳ ଧରିବା ପରଠାରୁ ପାଚିବା ପର୍ଯ୍ୟନ୍ତ ୫-୬ ଦିନ ବ୍ୟବଧାନରେ ଜଳସେଚନ କଲେ ଫଳ ଫାଟେନାହିଁ। ବୁନ୍ଦା ଜଳସେଚନ ଲିଚୁପାଇଁ ଖୁବ୍ ଭଲ। ଏହାଦ୍ୱାରା ଫଳ ଫାଟେନାହିଁ।



## ରୋଗ ପୋକ ପରିଚାଳନା:

### ଫଳବିନ୍ଧା ପୋକ:



ଫଳବିନ୍ଧା ପୋକର ଶୁକଗୁଡ଼ିକ ଫଳ ଓ ମଞ୍ଜିରେ ପଶିଯାଇ ଏହାକୁ ନଷ୍ଟ କରିଦିଅନ୍ତି। ଏହି ପୋକ ଆକ୍ରମଣ ଦ୍ୱାରା ଫଳ ପଚି ଯାଇଥାଏ ଏବଂ ଅପରିପକ୍ୱ ଅବସ୍ଥାରେ ଝଡ଼ିପଡ଼େ।


## ପରିଚାଳନା:

ମାଟିରେ ପଡ଼ିଥିବା ସବୁ ଫଳ ନଷ୍ଟ କରିଦେବା ଉଚିତ୍ ଏବଂ ଫଳ ଅମଳର ୪୦-୪୫ ଦିନ ପୂର୍ବରୁ ପ୍ରତି ୧୫ ଦିନ ଅନ୍ତରରେ ୨ଥର ଥାୟୋ ମେଥୋସ୍କାମ୍ (୯ ମି.ଲି./ ୧୫ ଲିଟର ପାଣିରେ) ସ୍ପ୍ରେ କରିବା ଦ୍ୱାରା ଏହା ନିୟନ୍ତ୍ରଣ ହୋଇଥାଏ ଏବଂ ଫଳ ତୋଳିବାର ୧୦ ଦିନ ପୂର୍ବରୁ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୦.୭ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରାଯାଏ।

## ଲିଚୁ ମାଇଟ୍:

ବହୁ ସଂଖ୍ୟକ ମାଇଟ୍ ଲିଚୁ ପତ୍ରର ତଳେ ରହନ୍ତି। ଏମାନେ ପତ୍ରକୁ ଆଞ୍ଚୁଡ଼ି ରସ ଖାଆନ୍ତି। ଆକ୍ରାନ୍ତ ପତ୍ର ତଳ ପାଖରେ ଏକ ପ୍ରକାର ମାଟିଆ ରେଶମୀ ଆବରଣ ଦେଖାଯାଏ ଓ ପତ୍ର ସବୁ ଉପରକୁ ମୋଡ଼ି ହୋଇ ରହିଯାଏ। ଏହାର ଆକ୍ରମଣ ଯୋଗୁଁ ଫଳ ଝଡ଼ିପଡ଼େ।

## ପରିଚାଳନା:



ଫଳ ଅମଳ କରିସାରିବା ପରେ ଗଛକୁ କାଟଛାଣ୍ଟ କରିବା ଏବଂ କଟା ଯାଇଥିବା ଡାଳଗୁଡ଼ିକୁ ପୋଡ଼ିଦେବା ଉଚିତ୍। ନୂଆ ପତ୍ର ଏବଂ ଫଳ ଆସିବା ସମୟରେ ଓମାଇଟ୍ (୧ ମିଲି / ଲିଟର) କିମ୍ବା ଡାଇକୋଫଲ୍ (୨ ମିଲି / ଲିଟର) ୨ ସପ୍ତାହ ଅନ୍ତରରେ ୨ ଥର ବଦଳ କରି ସ୍ପ୍ରେ କରନ୍ତୁ।

## ଲିଚୁର ବକ୍କଲ ଖିଆ ଗୋଟିପୋକ:





ବକ୍କଲଖିଆ ଗୋଟିପୋକର ଶୁକ ଗଛର ବକଳ ତଳେ ରହିଥାଏ ଏବଂ କାଠ ଗୁଣ୍ଡସହ ମଳ ଇତ୍ୟାଦି ନେଇ ଜାଲବାନ୍ଧେ। ଏହାଦ୍ୱାରା ଗଛ ଦୁର୍ବଳ ହୋଇଯାଏ, ଫଳ ଛୋଟ ହୋଇ ଅମଳ କମିଯାଏ।

## ପରିଚାଳନା:

ଗଛର ଜାଲ ସବୁ ସଫାକରି କିରୋସିନ୍ ଭିଜାଇ ଗଛରେ ଥିବା ଗାତ ମୁହଁରେ ଦେଇ ମାଟି ଦ୍ୱାରା ଗାତ ମୁହଁ ବନ୍ଦ କରିଦେବା ଉଚିତ୍।

## ଅନ୍ୟ ମୁଖ୍ୟ ସମସ୍ୟା:

ଫଳରେ ପୋଡ଼ା ଦାଗ ଏବଂ ଫାଟିବା- ଲିଚୁଗଛରେ ଫଳର ପୋଡ଼ା ଦାଗ ଏବଂ ଫଳ ଫାଟିବା ମୁଖ୍ୟ ସମସ୍ୟା। ଫଳ ବଡ଼ ହେଲା ବେଳକୁ ଯଦି ସେଠିକାର ଉତ୍ତାପ ୩୮° ସେଣ୍ଟିଗ୍ରେଡ଼୍‌ରୁ ଅଧିକ ରହେ ଓ ଆର୍ଦ୍ରତା ଯାହାକୁ ହ୍ୟୁମିଡିଟି କୁହାଯାଏ, ଶତକଡ଼ା ୬୦ ଭାଗରୁ କମିଯାଏ ଓ ମାଟିର ଜଳୀୟ ଅଂଶ କମ୍ ରହେ, ତା'ହେଲେ ଲିଚୁର ଚୋପା ଟାଣ ହୋଇ ପୋଡ଼ିଗଲା ପରି ଦେଖାଯାଏ।

## ପ୍ରତିକାର:

୧. ଲିଚୁ ଗଛକୁ ଗରମ ପବନରୁ ରକ୍ଷା କରିବା ପାଇଁ ପବନ ପ୍ରତିରୋଧକ ଗଛ ଲଗାଇବା ଉଚିତ୍।

୨. ଫଳଧାରଣ ପରଠାରୁ ଫଳ ପାଚିବା ପର୍ଯ୍ୟନ୍ତ ୨-୩ ଦିନ ଅନ୍ତରରେ ଜଳସେଚନ କରି ମାଟିରେ ଆର୍ଦ୍ରତା ରଖିବାକୁ ହୋଇଥାଏ।

୩. ଗଛର ମୂଳକୁ ଶୁଖିଲା ପତ୍ର, ନଡ଼ା, ଚିରା କାଗଜ ଏବଂ ପଲିଥିନ୍ ଆଦି ଦ୍ୱାରା

ଛାଦିକରଣ କରିବା ଉଚିତ୍ ।

୪. ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ସହନଶୀଳ କିମ୍ବା ନିରୋଧକ କିସମ ଯଥା ସ୍ୱର୍ଣ୍ଣରୂପା, ସି.ଏଚ୍.ଇ.ଏସ୍-୨ ଲଗାଯାଇପାରେ ।



୫. ଫଳଧାରଣରୁ ଫଳ ପାଚିବା ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଜିଙ୍କ୍ ସଲ୍‌ଫେଟ୍ କିମ୍ବା କାଲ୍‌ସିୟମ ନାଇଟ୍ରେଟ୍ (୧୫ଗ୍ରାମ୍/ଲିଟର) ସ୍ପ୍ରେକରିବା ଉଚିତ୍ ।

୬. ବୋରନ୍ (୨ଗ୍ରାମ୍/ଲିଟର) ଫଳ ବୃଦ୍ଧି ସମୟରେ ବ୍ୟବହାର କରିବା ଉଚିତ୍ ।

୭. ପ୍ଲାନୋଫିକ୍ସ ୨ ମିଲି ଏକ ଲିଟର ପାଣିରେ ମିଶାଇ ଫଳ ବୃଦ୍ଧି ସମୟରେ ଗଛରେ ସ୍ପ୍ରେ କରିବା ଉଚିତ୍ ।

## ଫଳ ଝଡ଼ିବା:



ସାଧାରଣତଃ ଲିଚୁ ଗଛରେ ଫଳଧାରଣ ଠାରୁ ପାଚିବା ପର୍ଯ୍ୟନ୍ତ ଫଳଝଡ଼ା ଦେଖା ଯାଇଥାଏ । ପ୍ରଥମ ଅବସ୍ଥାରେ ବେଶୀ ଫଳ ଝଡ଼େ, ଏଥିପାଇଁ ବ୍ୟସ୍ତ ହେବାର କିଛି କାରଣ ନାହିଁ । ଗଛରେ ଯେତେ ଫଳ ଆସେ, ତା'ର ଅଧା ରହିଲେ ବି ଯଥେଷ୍ଟ । ଫଳ ଝଡ଼ିବାର ମୁଖ୍ୟ କାରଣ ଯେପରି ପରାଗ ସଂଗମ, ପାଣିପାଗ, ଖାଦ୍ୟସାର ଅଭାବ ଓ ହରମୋନ୍ ଇତ୍ୟାଦି ।

### ପରିଚାଳନା:

୧. ବଗିଚାକୁ ପରିଷ୍କାର ରଖିବା ଉଚିତ୍ ।

୨. ଗଛରେ ଅନୁମୋଦିତ ପରିମାଣର ଖତସାର

## ଅମଳ ଓ ପରବର୍ତ୍ତୀ ଯତ୍ନ:



ଗଛ ଲଗାଇବାର ୫-୭ ବର୍ଷ ପରଠାରୁ ଫଳ ଅମଳ ଆରମ୍ଭ ହୋଇଥାଏ। ଅମଳର ପରିମାଣ ବିଭିନ୍ନ କାରଣ ଉପରେ ନିର୍ଭର କରେ। ଯେପରିକି କିସମ, ଗଛର ବୟସ, ଜଳବାୟୁ ଏବଂ ରୋଗ ଓ ପୋକ ଇତ୍ୟାଦି। ସାଧାରଣତଃ ଫଳ ଧାରଣ ଠାରୁ ଫଳ ପାଚିବା ପର୍ଯ୍ୟନ୍ତ ଜଳବାୟୁ ଓ କିସମ ଅନୁସାରେ ୫୦-୭୦ ଦିନ ସମୟ ଲାଗିଥାଏ। ଫଳ ଲାଲ୍ ହୋଇ ଚୋପାର ମୁନିଆ ଘରଗୁଡ଼ିକ ଓସାରିଆ ଓ ପାଲିସ୍ ହୋଇଗଲେ ଫଳ ପାଚିଲା ବୋଲି ଜଣାଯାଏ। ଆମ୍ବ ଭଳି ଫଳ ଅମଳ ହେଲାପରେ କିଛି ଗୁଣ ପରିବର୍ତ୍ତନ ହୁଏ ନାହିଁ। ତେଣୁ ଏହା ଭଲ ଭାବରେ ପାଚିବା ପରେ ଅମଳ ହେବା ଉଚିତ୍। ପାଖ ବଜାର ପାଇଁ ସଂପୂର୍ଣ୍ଣ ପାଚିଲା ପରେ ଏବଂ ଦୂର ବଜାର ପାଇଁ ଚୋପା ରଙ୍ଗ ବଦଳିବା ସମୟରେ ଅମଳ କରିବା ଉଚିତ୍।



ସାଧାରଣତଃ ଫଳ ଗୁଡ଼ିକ ଡାଳ ବା ଡେମ୍ଫ ସହିତ ହାତରେ ତୋଳାଯାଏ। ଗୋଟିଏ ପୂର୍ଣ୍ଣାଙ୍ଗ ଫଳନ୍ତି ଗଛରୁ କିସମ ଏବଂ ଆକାର ଅନୁସାରେ ବର୍ଷକୁ ୮୦-୧୫୦ କିଗ୍ରା ଫଳ ଅମଳ ହୋଇଥାଏ। ସୂର୍ଯ୍ୟପୋଡ଼ା ଦାଗ ଓ ଫଟା ଫଳ ସବୁକୁ ଅଲଗା ଗ୍ରେଡିଂ କରି ରଖାଯିବା ଉଚିତ୍ ଏବଂ ବାଉଶ ଝୁଡ଼ିରେ ରଖି ଚିଲୁ ପତ୍ର ଦେଇ ବାନ୍ଧି ବଜାରକୁ ପଠାଯିବା ଉଚିତ୍। ଲିଚୁ ଫଳକୁ ଶୀତଳଭଣ୍ଡାରରେ ମଧ୍ୟ ୩-୪ ସପ୍ତାହ ପର୍ଯ୍ୟନ୍ତ ରଖାଯାଇପାରେ।













Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337

2024110391

**OUAT Publication:
No. 2024110391**